# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 June– 2026**

---

## ଅଣସର- ଅଲାରନାଥ ଦର୍ଶନ

ପୁରୀରେ ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୋଇଛନ୍ତି । ଶ୍ରୀମନ୍ଦିରରେ ଆଜିଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି । ଅଣସର ସମୟରେ ପଟ୍ଟିଦିଅଁଙ୍କୁ ପୂଜା କରାଯିବାର ପରମ୍ପରା ରହିଛି । ସେହିଭଳି ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠାରେ ଆଜିଠାରୁ ଦର୍ଶନ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ଆସନ୍ତା ୧୪ ଦିନ ଧରି ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିପାରିବେ । ଏଥିପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

---

## ଶାହା–ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ମାସ ୪ ଓ ୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ବିଜେପି ରାଜ୍ୟ ସଂଯୋଜକ ମାନସ ରଂଜନ ବକ୍ସି ଏହି ସୂଚନା ଦେଇଛନ୍ତି । ଜୁଲାଇ ୪ ତାରିଖରେ ମନ୍ତ୍ରୀ ଶ୍ରୀ ଶାହା ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବା ପରେ ବରଗଡ଼ ଗସ୍ତ କରି ୧ ହଜାର ୭୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଥାନଲ୍ ପ୍ଲାଣ୍ଟର ଲୋକାର୍ପଣ କରିବେ । ସେଠାରେ ଶ୍ରୀ ଶାହା ଏକ ସାଧାରଣସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଜୁଲାଇ ୫ ତାରିଖରେ ଶ୍ରୀ ଶାହା ସମ୍ବଲପୁରରେ

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଦଳୀୟ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ତୈଳ ବିପଣନ-କଟକଣା ପ୍ରତ୍ୟାହାର

ତୈଳ ବିପଣନ କମ୍ପାନୀଗୁଡ଼ିକର ଖୁଚୁରା ଦୋକାନ ମାଧ୍ୟମରେ ମୋଟର ସ୍ପିରିଟ୍ ଓ ଉଚ୍ଚ ଗତିସଂପନ୍ନ ଡିଜେଲର ବିକ୍ରୟ ଓ ବଣ୍ଟନ ନିୟନ୍ତ୍ରଣ ନେଇ ଜାରି ହୋଇଥିବା ଅସ୍ଥାୟୀ ନିୟମକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିଛନ୍ତି । ଆସନ୍ତାକାଲିଠାରୁ ଏହା ଲାଗୁ ହେବ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ଚଳିତମାସ ୧୨ ତାରିଖରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍ ମୂଲ୍ୟ ସ୍ଥିର ରଖିବା ଲାଗି ଏହି କଟକଣା ଜାରି କରିଥିଲେ ।

## ଓଡ଼ିଶା ଯାତ୍ରୀ ଆପ୍

ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ପ୍ରୟାସ ମାଧ୍ୟମରେ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶା ଯାତ୍ରୀ ଆପ୍‌ରେ ଏକ ଉନ୍ନତ ସୁରକ୍ଷା ମଡ୍ୟୁଲ୍ ସାମିଲ କରାଯାଇଛି । ଫଳରେ ଏହା ଦେଶର ପ୍ରଥମ ସରକାରୀ ସମନ୍ୱିତ ସୁରକ୍ଷା ଓ ଗମନାଗମନ ପ୍ଲାଟଫର୍ମ ଭାବେ ରୂପାନ୍ତରିତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ନୂତନ ଭାବେ ସାମିଲ ହୋଇଥିବା ଏହି ସୁରକ୍ଷା ମଡ୍ୟୁଲ୍‌କୁ ଓଡ଼ିଶା ପୋଲିସ୍ ଏବଂ ଜାତୀୟ ଜରୁରୀକାଳୀନ ସେବା ୧୧୨ ସହିତ ସମନ୍ୱିତ କରାଯାଇଛି । ଏହା ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ଯାତ୍ରୀମାନେ ରିୟଲ୍ ଟାଇମ୍ ଲୋକେସନ

ଆଧାରିତ ସତର୍କତା ମାଧ୍ୟମରେ ତୁରନ୍ତ ପ୍ରଶାସନିକ ସହାୟତା ପାଇପାରିବେ ।

## ପରିସଂଖ୍ୟାନ ଦିବସ

ଭୁବନେଶ୍ୱର ଲୋକସେବା ଭବନରେ ପରିସଂଖ୍ୟାନ ଦିବସ ଅବସରରେ 'ଦକ୍ଷ ଜନସେବା ପ୍ରଦାନକାରୀ ପ୍ରଶାସନିକ ତଥ୍ୟ ସଦ୍ଵୁପଯୋଗ' ଶୀର୍ଷକ ଏକ କର୍ମଶାଳା ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନୟନ କମିଶନର ଦେଓରଂଜନ କୁମାର ସିଂ ସମସ୍ତ ବିଭାଗର ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ସିଂ ବିଭିନ୍ନ ନୂତନ ଡିଜିଟାଲ ପଦକ୍ଷେପର ଶୁଭାରମ୍ଭ କରିଥିଲେ ।

## +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ଓ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବ । ଗୋଟିଏ ବିଷୟରେ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଦେବାର ସୁଯୋଗ ମିଳିବ । ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଆରମ୍ଭ ହୋଇଛି । କୌଣସି ବିଷୟରେ କମ୍ ମାର୍କ ରଖିଥିବା ପରୀକ୍ଷାର୍ଥୀ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ । ଏଥିପାଇଁ ମୋଟ୍ ୩୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ମିଳିଛି ।

## ସମୀକ୍ଷା ବୈଠକ

ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ଜମି ରେକର୍ଡ ଓ ଅଭିଲେଖ ପରିଚାଳନା କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଭୂମି ଅଭିଲେଖ ଓ ସର୍ଭେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ରେକର୍ଡ ପରିଚାଳନା କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ ଉପରେ ଆଲୋଚନା କରିଥିଲେ ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ପରିଚାଳନା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ସଂପୂର୍ଣ୍ଣ ସ୍ୱଚ୍ଛତା, ନିରପେକ୍ଷତା ଓ ସମୟବଦ୍ଧ ଭାବେ ଲୋକମାନଙ୍କ ଦାବି ଓ ଆପତ୍ତିଗୁଡ଼ିକର ସମାଧାନ କରିବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦାନ ହୁଣ୍ଡି-ଗଣତି

ରାୟଗଡ଼ା ଜିଲ୍ଲାର ମା' ମଝିଘରିଆଣୀ ମନ୍ଦିର ଦାନ ହୁଣ୍ଡିରୁ ୧ କୋଟି ୨୨ ଲକ୍ଷ ଟଙ୍କା ମିଳିଛି । ଏଥିସହ ହୁଣ୍ଡିରୁ ୩୨ ଗ୍ରାମ୍ ସୁନା ଓ ୧ କିଲୋ ୩୦୦ ଗ୍ରାମ୍ ରୁପା ସଂଗ୍ରହ ହୋଇଛି । ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ

ସୁରକ୍ଷା ବଳୟ ମଧ୍ୟରେ ୯ଟି ଦାନ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅପରପକ୍ଷରେ ବର୍ଷା ହେବା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଗରମ ଓ ଗୁଳୁଗୁଳି ଜାରି ରହିଛି । ଗତକାଲି ନୂଆପଡ଼ାଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଥିଲା ।